# NATIONAL NEWS BULLETIN (ODIA)
## 11 July - 2025
## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ନିଯୁକ୍ତି ମେଳା ମାଧ୍ୟମରେ ଆସନ୍ତାକାଲି ୫୧ ହଜାରରୁ ଅଧିକ ନବନିଯୁକ୍ତଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିବେ ପ୍ରଧାନମନ୍ତ୍ରୀ ।
- ସ୍ୱଦେଶୀ ଜ୍ଞାନକୌଶଳ ସହାୟତାରେ ଅପରେସନ ସିନ୍ଦୂରକୁ ସଫଳତାର ସହ କାର୍ଯ୍ୟକାରୀ କରିପାରିଛି ଭାରତ, କହିଲେ ଜାତୀୟ ସୁରକ୍ଷା ପରାମର୍ଶଦାତା ।
- ଏକ ସ୍ୱଚ୍ଛ ପରିବେଶ ଅନୁକୂଳ ଗମନାଗମନ ପ୍ରକ୍ରିୟାକୁ ସଶକ୍ତ କରିବା ଲାଗି ଆଜି ଦେଶରେ ପ୍ରଥମଥର ଲାଗି ଆରମ୍ଭ ହେଲା ଇ-ଟ୍ରକ୍ ପ୍ରୋତ୍ସାହନ କାର୍ଯ୍ୟକ୍ରମ ।
- ଛତିଶଗଡ଼ର ନାରାୟଣପୁର ଜିଲ୍ଲାରେ ଆଜି ଆତ୍ମସମର୍ପଣ କଲେ ୨୨ ଜଣ ମାଓବାଦୀ ।

ଏବଂ

- ଲଣ୍ଡନ ଟେଷ୍ଟ ମ୍ୟାଚ୍‌ର ପ୍ରଥମ ଇନିଂସରେ ଭାରତ ବିପକ୍ଷରେ ୩୮୭ରନ୍‌ରେ ଅଲ୍‌ଆଉଟ୍ ହେଲା ଇଂଲଣ୍ଡ ।

# ରୋଜଗାରମେଳା

ଦେଶର ୪୭ଟି ସ୍ଥାନରେ ଆସନ୍ତାକାଲି ଷୋଡ଼ଶ ରୋଜଗାରମେଳା ଅନୁଷ୍ଠିତ ହେବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ୫୧ ହଜାରରୁ ଅଧିକ ନବନିଯୁକ୍ତଙ୍କ ନିଯୁକ୍ତିପତ୍ର ପ୍ରଦାନ କରିବେ । ଏ ସଂପର୍କରେ ଏକ ରିପୋର୍ଟ ।

# ଅଜିତ ଡୋଭାଲ୍

ସ୍ୱଦେଶୀ ଜ୍ଞାନକୌଶଳ ସହାୟତାରେ ଭାରତ ଅପରେସନ ସିନ୍ଦୂରକୁ ସଫଳତାର ସହ କାର୍ଯ୍ୟକାରୀ କରିପାରିଛି ବୋଲି ଜାତୀୟ ସୁରକ୍ଷା ପରାମର୍ଶ ଦାତା ଅଜିତ ଡୋଭାଲ୍ କହିଛନ୍ତି । ଆଜି ଆଇ.ଆଇ.ଟି. ମାଡ୍ରାସ୍‌ର ୬୨ତମ ସମାବର୍ତ୍ତନ ଉତ୍ସବରେ ଯୋଗଦେଇ ନିଜର ଅଭିଭାଷଣ ରଖି ସେ ଏହା କହିଛନ୍ତି । ସେ କହିଛନ୍ତି, ଆମର ଅତ୍ୟାଧୁନିକ ସ୍ୱଦେଶୀ ଜ୍ଞାନକୌଶଳ ଯୋଗୁଁ ଭାରତ ମାତ୍ର ୨୮ ମିନିଟ୍‌ରେ ପାକିସ୍ତାନର ୯ଟି ସୀମାପାର ଆତଙ୍କୀ ଶିବିର ଗୁଡ଼ିକୁ ନଷ୍ଟ କରିବାରେ ସଫଳ ହୋଇଛି ।

ବିଶେଷ କରି ଭାରତୀୟ ସେନାର ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ବ୍ରହ୍ମୋସ କ୍ଷେପଣାସ୍ତ୍ର, ସମନ୍ୱିତ ବାୟୁ କମାଣ୍ଡ ବ୍ୟବସ୍ଥା ଏବଂ ଯୁଦ୍ଧ

କ୍ଷେତ୍ରରେ ଥିବା ରାଡାର ଗୁଡ଼ିକର କାର୍ଯ୍ୟକାରିତା ସନ୍ତୋଷ ଜନକ ହୋଇପାରିଛି । ଏକ ହଜାର ବର୍ଷ ଅବଧି ମଧ୍ୟରେ ଏଭଳି ସ୍ୱର୍ଣ୍ଣିମ ଅଧ୍ୟାୟ ସମ୍ପର୍କରେ ଦେଶର ଯୁବବର୍ଗ ସମ୍ପୂର୍ଣ୍ଣ ରୂପେ ଅବଗତ ହୋଇଛନ୍ତି । କ୍ୱାଣ୍ଟମ୍ କମ୍ପ୍ୟୁଟିଂ, କୃତ୍ରିମ ବୁଦ୍ଧିମତା, ବିରଳ ଖଣିଜ ଦ୍ରବ୍ୟ ଭଳି ଦେଶର ସମ୍ବଳକୁ ବ୍ୟବହାର କରି ନୂତନ ଜ୍ଞାନକୌଶଳ ଉଦ୍ଭାବନ କରିବା ଉପରେ ଶ୍ରୀ ଡୋଭାଲ୍ ଦେଶର ଯୁବବର୍ଗଙ୍କୁ ଆହ୍ୱାନ ଦେଇଛନ୍ତି । ଏହାଦ୍ୱାରା ୨୦୪୭ ମସିହା ସୁଦ୍ଧା ଭାରତ ଏକ ବିକଶିତ ରାଷ୍ଟ୍ରରେ ପରିଣତ ହୋଇପାରିବ ବୋଲି ସେ କହିଛନ୍ତି ।

ଆଗାମୀ ୨୨ ବର୍ଷ ମଧ୍ୟରେ ଶିକ୍ଷା, ଦକ୍ଷତା, ବୈଷୟିକ ଜ୍ଞାନକୌଶଳରେ ସୁସଜ୍ଜିତ ଭାରତର ବୃହତ ଯୁବବର୍ଗ ଦେଶର ଅଭିବୃଦ୍ଧି ଦିଗରେ ସହାୟକ ହୋଇପାରିବେ ବୋଲି ଶ୍ରୀ ଡୋଭାଲ୍ ଆଶାବ୍ୟକ୍ତ କରିଛନ୍ତି । ସେ କହିଛନ୍ତି, ଭାରତର ଏକ ଅନନ୍ୟ ଭୂ-ରାଜନୈତିକ ପରିସ୍ଥିତି ରହିଛି । ଏହାର ସଦୁପୋଯୋଗ କରାଯାଇ ଆନ୍ତର୍ଜାତିକ ସ୍ତରରେ ବିଭିନ୍ନ କ୍ଷେତ୍ରରେ କେବଳ ସଂଯୋଗୀକରଣ କରାଯାଇପାରିବ ନାହିଁ ବରଂ ସଭ୍ୟତାକୁ ସଂରକ୍ଷଣ କରାଯିବା ସହିତ ଆଧ୍ୟାତ୍ମିକ ସଶକ୍ତିକରଣ ମଧ୍ୟ ସମ୍ଭବ ହୋଇପାରିବ ବୋଲି ଶ୍ରୀ ଡୋଭାଲ୍ କହିଛନ୍ତି ।

# ଆର୍ଥ ମ୍ୟାଗ୍ନେଟ୍

ଦେଶରେ ବିରଳ ମୃତ୍ତିକା ଚୁମ୍ବକ ଉତ୍ପାଦନକୁ ପ୍ରୋତ୍ସାହନ ଦେବା ଲାଗି ୧ ହଜାର ୩୪୫ କୋଟି ଟଙ୍କାର ରିହାତି ଯୋଜନା କାର୍ଯ୍ୟକାରୀ କରିବା ଦିଗରେ ସରକାର ପଦକ୍ଷେପ ନେଉଛନ୍ତି । ଆଜି ନୂଆଦିଲ୍ଲୀ ଠାରେ ଏକ ସମାରୋହରେ ଉଦ୍‌ବୋଧନ ଦେଇ କେନ୍ଦ୍ର ଭାରିଶିଳ୍ପ ସଚିବ କାମରାନ ରିଜ୍‌ଵି ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, ଏ ସମ୍ପର୍କରେ ଆନ୍ତ ମନ୍ତ୍ରଣାଳୟ ପରାମର୍ଶ ଜାରି ରହିଛି । ଏହି ଯୋଜନା କାର୍ଯ୍ୟକାରୀ ହେଲେ ବିରଳ ମୃତ୍ତିକା ଅକ୍ସାଇଡ୍‌କୁ ଚୁମ୍ବକରେ ପରିଣତ କରିବା ଲାଗି ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ । ବିଶେଷ କରି ବିଦ୍ୟୁତ୍ ଚାଳିତ ଯାନ ପ୍ରସ୍ତୁତି ଦିଗରେ ଆବଶ୍ୟକ ପଡୁଥିବା ଏହି ବିରଳ ମୃତ୍ତିକା ଚୁମ୍ବକକୁ ଚୀନ୍ ପକ୍ଷରୁ ରପ୍ତାନୀ କରାଯିବା ଦିଗରେ କଟକଣା ଜାରି କରାଯିବା ପରେ ସରକାର ଏଭଳି ଯୋଜନା କାର୍ଯ୍ୟକାରି କରିବା ଲାଗି ପଦକ୍ଷେପ ନେଉଛନ୍ତି । ଯେଉଁ କମ୍ପାନୀ ଏହି ଯୋଜନା କାର୍ଯ୍ୟକାରି କରି ଚୁମ୍ବକ ପ୍ରସ୍ତୁତ କରିବେ ସେମାନଙ୍କ ନିବେଶ ଉପରେ ସରକାର ରିହାତି ପ୍ରଦାନ କରିବେ ବୋଲି କେନ୍ଦ୍ର ସଚିବ କହିଛନ୍ତି ।

# କୁମାରସ୍ୱାମୀ-ଇ ଟ୍ରକ୍

ପ୍ରଧାନମନ୍ତ୍ରୀ ଇ-ଡ୍ରାଇଭ୍ ଯୋଜନା ଅଧୀନରେ ଆଜି ଇ-ଟ୍ରକ୍ ପ୍ରୋତ୍ସାହନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି । ଦେଶରେ ଏକ ସ୍ୱଚ୍ଛ ପରିବେଶ ତଥା ସ୍ଥାୟୀ ଗମନାଗମନ ଦିଗରେ ସହାୟକ ହେବା ଲାଗି ସରକାରଙ୍କ ପକ୍ଷରୁ ପ୍ରଥମଥର ଲାଗି ଏହି ଇଲେକ୍ଟ୍ରିକ୍ ଟ୍ରକ୍ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ପ୍ରାୟ ୫ରୁ ୬ ହଜାର ଇ-ଟ୍ରକ୍ ଏହି ଯୋଜନା ଅଧୀନରେ ବର୍ତ୍ତମାନ ଲାଗି ଚଳାଚଳ ଆରମ୍ଭ କରିବ ।

ଏହାଦ୍ୱାରା ଗମନାଗମନ ଖର୍ଚ୍ଚ କମ୍ ହେବା ସହିତ କାର୍ବନ ଫୁଟ୍‌ପ୍ରିଣ୍ଟ ମଧ୍ୟ ହ୍ରାସ ପାଇପାରିବ । ଏହି ଇ-ଟ୍ରକ୍ ଗୁଡ଼ିକ ଲାଗି ନିର୍ମାତାଙ୍କ ପକ୍ଷରୁ ଯେଉଁ ବ୍ୟାଟେରୀ ପ୍ରସ୍ତୁତ କରାଯାଇଛି ତାର ୱାରେଣ୍ଟି ସମୟସୀମା ୫ ବର୍ଷ କିମ୍ବା ୫ ଲକ୍ଷ କିଲୋମିଟର ପର୍ଯ୍ୟନ୍ତ ରଖାଯାଇଛି । ଏହି ଯୋଜନାର ଶୁଭାରମ୍ଭ କରି କେନ୍ଦ୍ର ଭାରିଶିଳ୍ପ ମନ୍ତ୍ରୀ ଏଚ୍.ଡି. କୁମାର ସ୍ୱାମୀ କହିଛନ୍ତି, ଦିଲ୍ଲୀରେ ପଞ୍ଜିକୃତ ହୋଇଥିବା ୧ ହଜାର ୧୦୦ ଇ-ଟ୍ରକ୍ ଲାଗି ପ୍ରାୟ ୧ ହଜାର କୋଟି ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି । ସିମେଣ୍ଟ, ଇସ୍ପାତ୍, ବନ୍ଦର ଏବଂ ଅନ୍ୟାନ୍ୟ ପରିବହନ କ୍ଷେତ୍ର ଲାଗି ଏହି ଇ-ଟ୍ରକ୍ ଗୁଡ଼ିକ ସହାୟ ହେବେ ବୋଲି ଶ୍ରୀ କୁମାରସ୍ୱାମୀ କହିଛନ୍ତି । ଶୂନ୍ୟ ନିର୍ଗମନ ଲକ୍ଷ୍ୟ ହାସଲ ସହିତ ବିଭିନ୍ନ ଯାନରୁ ପରିବେଶ ପ୍ରତିକୂଳ ଗ୍ୟାସ୍

ନିର୍ଗମନ ହ୍ରାସ ଦିଗରେ ଭାରତର ପ୍ରତିବଦ୍ଧତା ସ୍ୱରୂପ ଏହି ରଣନୈତିକ ପଦକ୍ଷେପ ନିଆଯାଇଛି ।

## ଫରେନ୍ ମିନିଷ୍ଟ୍ରସ୍ ମିଟିଂ

ପଞ୍ଚଦଶ ପୂର୍ବ ଏସୀୟ ବୈଦେଶିକ ମନ୍ତ୍ରୀ ସ୍ତରୀୟ ସମ୍ମିଳନୀ ଆଜି ମାଲେସିଆର ରାଜଧାନୀ କ୍ୱାଲାଲମ୍ପୁର୍ ଠାରେ ଅନୁଷ୍ଠିତ ହୋଇଯାଇଛି । ପୂର୍ବ ଏସୀୟ ରାଷ୍ଟ୍ର ଗୁଡ଼ିକ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ଥିବା ସହଯୋଗର ଅଗ୍ରଗତି ସମେତ ଭବିଷ୍ୟତ କାର୍ଯ୍ୟପନ୍ଥା ଉପରେ ଏହି ବୈଠକରେ ସମୀକ୍ଷା କରାଯାଇଛି । ଏତଦ୍‌ବ୍ୟତୀତ ସଦସ୍ୟ ରାଷ୍ଟ୍ରର ମନ୍ତ୍ରୀମାନେ ବିଭିନ୍ନ ଆଞ୍ଚଳିକ ଏବଂ ଆନ୍ତର୍ଜାତିକ ପ୍ରସଙ୍ଗରେ ମତବିନିମୟ କରିଛନ୍ତି । ବର୍ତ୍ତମାନର ଅଧ୍ୟକ୍ଷ ମ୍ୟାଲେସିଆର ନିମନ୍ତ୍ରଣ କ୍ରମେ ଭାରତର ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ପବିତ୍ର ମାର୍ଘେରିଟା ଏହି ସମ୍ମିଳନୀରେ ଯୋଗଦେଇଛନ୍ତି । ଏହାଛଡ଼ା ସେ ୩୨ତମ ଏସୀୟ ଆଞ୍ଚଳିକ ଫୋରମ୍‌ରେ ମଧ୍ୟ ଅଂଶଗ୍ରହଣ କରିଛନ୍ତି । ୨୦୦୫ ମସିହାରେ ୧୮ଟି ରାଷ୍ଟ୍ରକୁ ନେଇ ଗଠିତ ପୂର୍ବ-ଏସୀୟ ସମିଟ୍' ଏସୀୟ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳର ଭୂ-ରାଜନୈତିକ, ଅର୍ଥନୈତିକ ଏବଂ ରଣନୈତିକ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବା କରିଥାଏ ।

## ୱାର୍ଲ୍ଡ ପପୁଲେସନ ଡେ

ଆଜି ବିଶ୍ୱ ଜନସଂଖ୍ୟା ଦିବସ । ବର୍ଦ୍ଧିତ ଜନସଂଖ୍ୟା ଯୋଗୁଁ ସମଗ୍ର ଦେଶ ତଥା ବିଶ୍ୱରେ ସୃଷ୍ଟି ହେଉଥିବା ବିଭିନ୍ନ ଆହ୍ୱାନକୁ ମୁକାବିଲା କରିବା ପାଇଁ ପ୍ରତିବର୍ଷ ଜୁଲାଇ ୧୧ତାରିଖ ଆଜିର ଦିନରେ ଏହି ଦିବସ ପାଳନ କରାଯାଇଥାଏ । ଜନସଂଖ୍ୟା ସମ୍ବନ୍ଧୀୟ ଚିନ୍ତାଧାରାକୁ ସମାଧାନ କରିବା ଏବଂ ସ୍ଥାୟୀ ଭବିଷ୍ୟତ ପାଇଁ କାର୍ଯ୍ୟ କରିବାକୁ ଏହି ଦିବସ ପାଳନ କରାଯାଉଛି । ଏହି ବର୍ଷର ବିଷୟବସ୍ତୁ ରହିଛି "ମାତୃ ଓ ଶିଶୁର ସ୍ୱାସ୍ଥ୍ୟ ଏବଂ ହିତ ପାଇଁ ଗର୍ଭଧାରଣର ସୁସ୍ଥ ସମୟ ଓ ବ୍ୟବଧାନ । ୧୯୯୦ ମସିହା ଡିସେମ୍ବରରେ ଜାତିସଂଘ ପକ୍ଷରୁ ପରିବେଶ ଏବଂ ବିକାଶ ସହିତ ଜନସଂଖ୍ୟା ସମସ୍ୟା ବିଷୟରେ ସଚେତନତା ବୃଦ୍ଧି କରିବା ପାଇଁ ଏହି ଦିବସ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା । ପ୍ରଥମଥର ପାଇଁ ଏହା ୯୦ରୁ ଅଧିକ ଦେଶରେ ପାଳିତ ହୋଇଥିଲା ।

## ଛତିଶଗଡ଼-ମାଓଇଷ୍ଟ

ଛତିଶଗଡ଼ର ନାରାୟଣପୁର ଜିଲ୍ଲାରେ ୨୨ ଜଣ ମାଓବାଦୀ ଆଜି ଆତ୍ମସମର୍ପଣ କରିଛନ୍ତି । ଏ ସମ୍ପର୍କରେ ସାମ୍ବାଦିକମାନଙ୍କୁ ସୂଚନା ଦେଇ ଜିଲ୍ଲା ପୁଲିସ୍ ଅଧିକ୍ଷକ ରବିନ୍‌ସନ ଗୁରିଆ କହିଛନ୍ତି, ଏହି ମାଓବାଦୀଙ୍କ ଲାଗି ମୋଟ୍ ୩୭ ଲକ୍ଷ ୫୦ ହଜାର ଟଙ୍କାର ପୁରସ୍କାର ରାଶି ଘୋଷଣା

କରାଯାଇଥିଲା । ଆତ୍ମସମର୍ପଣ କରିଥିବା ମାଓବାଦୀମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ଫେରାଇ ଆଣିବା ଲାଗି ରାଜ୍ୟ ସରକାରଙ୍କ ନୂତନ ପୁନଃ ଥଇଥାନ ନୀତି ଅନୁଯାୟୀ ୫୦ ହଜାର ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ ବୋଲି ଶ୍ରୀ ଗୁରିଆ ସୂଚନା ଦେଇଛନ୍ତି ।

## କନଓ୍ୱାର ଯାତ୍ରା

ଶ୍ରାବଣ ମାସ ଅବସରରେ ଆଜିଠାରୁ କନଓ୍ୱାର୍ ଯାତ୍ରା ଆରମ୍ଭ ହୋଇଛି । ଦେଶର ବିଭିନ୍ନ ଭାଗରୁ ଶ୍ରଦ୍ଧାଳୁମାନେ ଗଙ୍ଗାଜଳ ସଂଗ୍ରହ କରିବା ଲାଗି ଉତ୍ତରାଖଣ୍ଡର ହରିଦ୍ୱାର, ରିଷିକେଶ, ନୀଳକଣ୍ଠ ମହାଦେବ ଓ ଗଙ୍ଗୋତ୍ରୀଧାମରେ ପହଞ୍ଚିବାରେ ଲାଗିଛନ୍ତି । ଚଳିତ ବର୍ଷର ଏହି ଯାତ୍ରା ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଚଳିତ ବର୍ଷ ପ୍ରାୟ ୭ କୋଟି କନଓ୍ୱାରିଆ ଏଥିଲାଗି ଉତ୍ତରାଖଣ୍ଡରେ ପହଞ୍ଚିବାର ସମ୍ଭାବନା ରହିଛି ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

## ପାକ୍-କିଲିଂ

ପାକିସ୍ତାନର ବାଲୁଚିସ୍ତାନ ପ୍ରଦେଶରେ ୯ ଜଣ ବସ୍ ଯାତ୍ରୀଙ୍କର ଅଜଣା ବନ୍ଧୁକଧାରୀ ଦ୍ୱାରା ମୃତ୍ୟୁ ହୋଇଛି । ସରକାରୀ ମୁଖପାତ୍ରଙ୍କ ଦ୍ୱାରା

ଦିଆଯାଇଥିବା ସୂଚନା ଅନୁଯାୟୀ ଝୋବ୍ ଅଞ୍ଚଳ ନିକଟରେ ଯାତ୍ରୀବାହୀ ବସ୍ ଗୁଡ଼ିକୁ ସଶସ୍ତ୍ର ଦୁର୍ବୃତ୍ତ ପ୍ରଥମେ ଅଟକାଇ ସେମାନଙ୍କର ପରିଚୟପତ୍ର ଯାଞ୍ଚ କରିଥିଲେ । ପରେ ନିର୍ଦ୍ଧାରିତ କେତେ ଜଣ ଯାତ୍ରୀଙ୍କୁ ସେମାନେ ଗୁଳି କରିଥିଲେ ବୋଲି ଜଣାଯାଇଛି । ତେବେ ଏଥିଲାଗି ଏ ପର୍ଯ୍ୟନ୍ତ କୌଣସି ସଂଗଠନ ନିଜକୁ ଦାୟି କରିନାହାନ୍ତି ବୋଲି ସରକାରୀ ମୁଖପାତ୍ର ଜଣକ କହିଛନ୍ତି ।

# କ୍ରିକେଟ୍

ଲଣ୍ଡନଠାରେ ଚାଲିଥିବା ଆଣ୍ଡରସନ୍-ତେନ୍ଦୁଲକର ଟ୍ରଫିର ତୃତୀୟ ଟେଷ୍ଟ ମ୍ୟାଚ୍‌ର ଆଜି ଦ୍ୱିତୀୟ ଦିନରେ ଗତକାଲିର ସ୍କୋର ୨୫୧ରନ୍‌ରୁ ଆରମ୍ଭ କରି ଇଂଲଣ୍ଡ ଆଜି ପ୍ରଥମ ଇନିଂସରେ ୩୮୭ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଛି । ଦଳ ପକ୍ଷରୁ ଜୋ ରୁଟ୍ ସର୍ବାଧିକ ୧୦୪ରନ୍ କରିଥିବା ବେଳେ କାରସ୍ ୫୬ ଓ ଜେମି ସ୍ମିଥ୍ ୫୧ରନ୍ କରିଛନ୍ତି ।  ଭାରତ ପକ୍ଷରୁ ଯଶପ୍ରୀତ ବୁମ୍‌ରା ୭୪ରନ୍ ଦେଇ ୫ ଓ୍ୱିକେଟ୍ ଅକ୍ତିଆର କରିଥିବା ବେଳେ ନିତିଶ କୁମାର ରେଡ୍ଡୀ ଓ ମହମ୍ମଦ ସିରାଜ୨ଟି ଲେଖାଏଁ ଏବଂ ରବୀନ୍ଦ୍ର ଜାଡ଼େଜା ଗୋଟିଏ ଓ୍ୱିକେଟ୍ ଅକ୍ତିଆର କରିଛନ୍ତି । ଏହି ମ୍ୟାଚ୍‌ରେ ଇଂଲଣ୍ଡ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତ୍ତି ନେଇଥିଲା ।